## ସଂକ୍ଷେପରେ

### ବନ୍ୟା ବିପନ୍ନଙ୍କୁ ରିଲିଫ



ବାଲିଆପାଳ, ୨୪।୯(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଚଉଧୁରୀକୁଦ ଓ ଚଡ଼ବସ୍ତ କାଲରୁଇ ହୋଇଥିବା ବେଳେ ଉକ୍ତ ଅଞ୍ଚଳକୁ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ପରିଦର୍ଶନ କରିଥିଲେ। ଡଙ୍ଗାରେ ନଦୀ ପାରି ହେବା ସହ ଉକ୍ତ ଅଞ୍ଚଳରେ ବୁଲି ଲୋକମାନଙ୍କ ସମସ୍ୟା ଉପରେ ଆଲୋଚନ କରିଥିଲେ। ୫ଶହରୁ ଊର୍ଦ୍ଧ୍ୱ ବନ୍ୟା ବିପନ୍ନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଚଉଧୁରୀକୁଦ ଉପ୍ରା ବିଦ୍ୟାଳୟଠାରେ ବିଜେଡି ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ ହୋଇଥିବା ବେଳେ ଜାମକୁଣ୍ଡା ପଞ୍ଚାୟତରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ୨୩ନଂ. ଜୋନ୍ ଜିଲାପରିଷଦ ସଦସ୍ୟା କସ୍ତୁରୀବାଳା ପାତ୍ର, ମଧୁପୁରା ସରପଞ୍ଚ ଦୋଳଗୋବିନ୍ଦ ମୁର୍ମୁ, ସମିତିସଭ୍ୟା ଅନୁପମା ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଡମ୍ଫର ଧକ୍କାରେ ଗ୍ରାମ୍ୟ କୃଷି କର୍ମଚାରୀ ଆହତ

ଖଇରା, ୨୪।୯(ଡି.ଏନ.ଏ.)-ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ମହତୀପୁର ଛକ ନିକଟରେ ଏକ ଡମ୍ଫର ଧକ୍କାରେ ଖଇରା ବ୍ଲକ କୃଷି ବିଭାଗରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ସଞ୍ଜିବ କୁମାର ଜେନା(୪୩) ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଜେନା ଶୁକ୍ରବାର ସନ୍ଧ୍ୟାରେ ଖଇରା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରରୁ କାମ ସାରି ବାଇକରେ ଖନ୍ତାପଡା ଥାନା ଅଧୀନ ରସୁଲପୁର ଗ୍ରାମକୁ ଯାଉଥିବା ବେଳେ ମହତୀପୁର ଛକ ନିକଟରେ ଷଣ୍ଢକୁ ସାଇଡ୍ ଦେବା ସମୟରେ ଡମ୍ଫର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିଯୋଗୁ ସେ ରାସ୍ତାକଡ ନୟନଯୋରିକୁ ଛିଟିକି ପଡିଥିଲେ। ଖଇରା ପୋଲିସ ଡମ୍ଫରକୁ ଜବତ କରିଛି ।

### ପାନୀୟଜଳ ପ୍ରକଳ୍ପର ଶୁଭ ଦେଲେ ବିଧାୟକ

ବସ୍ତା, ୨୪।୯(ଡି.ଏନ.ଏ.)-ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ଅଧୀନ ମଧୁଭଣ୍ଡା ଗ୍ରାମରେ ରାଜ୍ୟ ସରକାର ପିଇବା ପାଣି ଯୋଜନାରେ ମଧୁଭଣ୍ଡା, କୁଡିଆବାଟିଆ, ଗୋବର୍ଦ୍ଧନପୁର ଗ୍ରାମକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ପାଇଁ ଶୁକ୍ରବାର ଦେଢ଼ କୋଟି ଟଙ୍କାର ପ୍ରକଳ୍ପକୁ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଶୁଭ ଦେଇଛନ୍ତି। ବ୍ରାହ୍ମଣଦା ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ବୁଗୁଡି, ବସ୍ତା ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ବରିଷ୍ଠ ନେତା ମହାଦେବଦାସ, ସମିତିସଭ୍ୟ ରବୀନ୍ଦ୍ର ଦାସ, ୱାର୍ଡ଼ସଭ୍ୟା ପ୍ରଣତି ସେଠୀ, ଯୁବନେତା ସଞ୍ଜୟ୍ କୁମାର ବୁଗୁଡି, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ସନ୍ୟାସୀ ସେଠୀ, ଗିରିଜା ଶଙ୍କର ରାଉତ, ରମାକାନ୍ତ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ସୁରେନ୍ଦ୍ର ବୁଗୁଡି, ସୁଦାମ ଚରଣ ବେହେରା, କାଳିଚରଣ ବେହେରା ପ୍ରମୁଖ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସମାଜସେବା ମନୋବୃତ୍ତି ଜାଗ୍ରତ କରିବାକୁ ଆହ୍ୱାନ

ସୋର, ୨୪।୯(ଡି.ଏନ.ଏ.)-ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଅବସରରେ ଶୁକ୍ରବାର ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରରେ ଏକ ସଭା କଲେଜ ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ସେବା ଯୋଜନା ଅଧିକାରୀ ଡ.ରବୀନ୍ଦ୍ର କୁମାର ବିହାରୀ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ କହିବାକୁ ଯାଇ ବ୍ୟକ୍ତିତ୍ୱର ବିକାଶ ସହିତ ସମାଜସେବା ମନୋବୃତ୍ତି ଜାଗ୍ରତ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଗଜେନ୍ଦ୍ର କୁମାର ପ୍ରଧାନ, ରଶ୍ମିତା ନାୟକ ବକ୍ତବ୍ୟ ଦେଇଥିଲେ। ଅଧାପକ ଭାଗୀରଥି ଘଡାଇ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ମନୋଜ କୁମାର ମହାନ୍ତି, ମାନସ ରଞ୍ଜନ ପଣ୍ଡା, ମୁଖ୍ୟ କିରାଣି ଜୟକୃଷ୍ଣ ପଣ୍ଡା, ଛାତ୍ର ପ୍ରଭାକର ବାରିକ, ସୁନୀଲ ସ୍ୱାଇଁ, ତାପସ ରଞ୍ଜନ ପାତ୍ର, ଜୟନ୍ତ କୁମାର ସାହୁ, ଛାତ୍ରୀ ନିର୍ଲିପ୍ତା ପ୍ରିୟଦର୍ଶିନୀ ସାହୁ, କ୍ଷୀରାବ୍ଧିତନୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କମିଲା ସୁବର୍ଣ୍ଣରେଖା

ଭୋଗରାଇ, ୨୪।୯(ଡି.ଏନ.ଏ.)

ଘୂର୍ଣ୍ଣିବଳୟ ଅପସରି ଯାଇଥିବାରୁ ଝାଡ଼ଖଣ୍ଡ ମାଳଭୂମିରେ ପାଗର ଉନ୍ନତି ହୋଇଛି। ସୁବର୍ଣ୍ଣରେଖା ଉପରମୁଣ୍ଡରେ ଥିବା ଡ୍ୟାମ୍ ଓ ବ୍ୟାରେଜ୍‌ଗୁଡ଼ିକର ଗେଟ୍ ବନ୍ଦ କରାଯିବାରୁ ସୁବର୍ଣ୍ଣରେଖାକୁ ଜଳ ନିଷ୍କାସନ ବନ୍ଦ ରହିଛି। ଫଳରେ ରାଜଘାଟ ଗେଜଠାରେ ଜଳସ୍ତର ହ୍ରାସ ପାଇଛି। ଗୁରୁବାର ଅପରାହ୍ନରୁ ଜଳସ୍ତର ଧୀରେ ଧୀରେ ବଢ଼ି ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ରାଜଘାଟଠାରେ ବିପଦସଙ୍କେତ ୧୦.୩୬ ଉପରେ ପ୍ରବାହିତ ହେଉଥିଲା। ପରେ ବନ୍ୟାଜଳ ସ୍ଥିର ହୋଇ କମିବାରେ ଲାଗିଛି। ରାତି ୯ଟା ବେଳକୁ ଜଳସ୍ତର ସତର୍କ ସୂଚନା ୯. ୫୫ ମିଟର ତଳେ ପ୍ରବାହିତ ହେବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି।

ସୁବର୍ଣ୍ଣରେଖାର ବନ୍ୟା ଜଳ କମିଥିଲେ ମଧ୍ୟ ଉତ୍ତରବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ବସ୍ତା ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବନ୍ୟା ବିପନ୍ନଙ୍କଠାରେ ବିଶୁଦ୍ଧ ପାନୀୟ ଜଳର ସଙ୍କଟ ଦେଖା ଦେଇଛି। ଦୂଷିତ ପାଣି ପିଇ ବହୁ ଲୋକ ପେଟଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଚାରଣ ଭୂଇଁ ବନ୍ୟା ପାଣିରେ ବୁଡ଼ି ରହିଥିବା ବେଳେ ଗୋବାଦୀ ପଶୁଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଭଳି ସ୍ଥିତିରେ ପ୍ରଶାସନ ବନ୍ୟାବିପନ୍ନଙ୍କଠାରେ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗତ ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଶୁକ୍ରବାର ଭୋଗରାଇ ବିଧାୟକ ବନ୍ୟା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି। ପୂର୍ବ ମଧ୍ୟୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଘନୀଭୂତ ହୋଇ ଉତ୍ତରବାଲେଶ୍ୱରରେ ରବିବାରଠାରୁ ପ୍ରବଳ ବର୍ଷିବ ବୋଲି ପାଣିପାଗ ଦପ୍ତର ସୂଚନା ଦେଇଥିବାରୁ ବନ୍ୟା ବିପନ୍ନଙ୍କ ମଧ୍ୟରେ ଭୟ ବଢ଼ାଇଛି।

## ଦାଣ୍ଡିପଦା ଚଟାଣରେ ୩ଫୁଟ ବନ୍ୟାଜଳ

ଲଙ୍ଗଳେଶ୍ୱର, ୨୪।୯(ଡି.ଏନ.ଏ.)

ଜଳକା ନଦୀରେ ବନ୍ୟା ଆସିବାରୁ କୁଣ୍ଡୁଳୀ-ସାର୍ଥା ମୁଖ୍ୟ ରାସ୍ତାର ଦାଣ୍ଡିପଦା ଚଟାଣ ଉପରେ ୩ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଚଟାଣ ଉପରେ ଏବେ ଡଙ୍ଗା ସାହାଯ୍ୟରେ ଲୋକେ ପାରି ହେଉଛନ୍ତି। ଡଙ୍ଗାରେ ପାରି ହେବା ପାଇଁ ଲୋକମାନେ ଅଧିକ ଟଙ୍କା ଦେଉଛନ୍ତି। ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଦୁଇ ଦିନ ଧରି ଏହି ରାସ୍ତାରେ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍ ଓ ମାଲ ପରିବହନ ବାଧାପ୍ରାପ୍ତ ହୋଇଛି। ଏହି ଚଟାଣ ଉପରେ ଏକ ପୋଲ ନିର୍ମାଣ ପାଇଁ ପୂର୍ବତନ ସରପଞ୍ଚ ଅମେରେନ୍ଦର ନାୟକ, ଜଳନ୍ଧର ମଲିକ, ସାମାଜିକ କର୍ମୀ ଭିସିମ ମଲିକ, ଅମରେନ୍ଦ୍ର ପଟ୍ଟାୟତ, ଶ୍ରୀକୃଷ୍ଣ ପାତ୍ର, ବିବେକାନନ୍ଦ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।



ଡଙ୍ଗା ସାହାଯ୍ୟରେ ଲୋକେ ରାସ୍ତା ପାର୍ ହେଉଛନ୍ତି।

## ବନ୍ୟାଞ୍ଚଳରେ ବାଣ୍ଟିଲେ ଶୁଖିଲା ଖାଦ୍ୟ



ଭାଜପା ନେତା ମାନସ ଦତ୍ତ ଓ ଅନ୍ୟମାନେ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

ରୂପସା,୨୪।୯(ଡି.ଏନ.ଏ.)

ଜଳକା ନଦୀରେ ବନ୍ୟା ଆସି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ରାସ୍ତାଘାଟ, ଗାଁଦାଣ୍ଡରେ ବନ୍ୟା ପାଣି ଲହଡି ମାରୁଛି। ବିଶେଷକରି ଶ୍ରୀରାମପୁର, ରସଲପୁର ପଞ୍ଚାୟତ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଧାନଚାଷ ନଷ୍ଟ ହେବା ସହ ବହୁ ଘର ଦ୍ୱାର ଭାଙ୍ଗିଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ବୋଟରେ ଏହି ଦୁଇ ପଞ୍ଚାୟତର ବିଭିନ୍ନ ୱାର୍ଡ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରଶାସନ ସହିତ ଆଲୋଚନା କରିଥିଲେ। ବନ୍ୟାର ସଫଳ ମୁକାବିଲା ପାଇଁ ଦଳ ତରଫରୁ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରିଦର୍ଶନ ସମୟରେ ମଣ୍ଡଳ ସଭାପତି ତପନ ଗିରି, ସରପଞ୍ଚ ଶୁଭେଶ ନାୟକ, ପଞ୍ଚାୟତ ସଭାପତି ଜଗଦାନନ୍ଦ ବେହେରା, ମାନସ ମହାପାତ୍ର, ଯୁବନେତା କୌଶିକ ଚାନ୍ଦ, ଧନଞ୍ଜୟ ମହାନ୍ତି, ଜଳଧର ଜେନାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କ୍ଲିନିକ୍‌ରେ ତାଲା ପକାଇଲା ପ୍ରଶାସନ

**ଅସ୍ତ୍ରୋପଚାର ବେଳେ ମହିଳାଙ୍କ ମୃତ୍ୟୁ ଘଟଣା**

ଜଳେଶ୍ୱର, ୨୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱରସ୍ଥିତ ଜୟମା କ୍ଲିନିକ୍‌କୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ତାଲା ପକାଯିବା ସହ ସିଲ୍ କରାଯାଇଛି। ଏହି କ୍ଲିନିକ୍‌ରେ ଗତ ମେ'ରେ ରାଇବଣିଆ ଥାନା ଚମାରଗାଁର ଜଣେ ପ୍ରସୂତିଙ୍କ ଅସ୍ତ୍ରୋପଚାର ପରେ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜୟମା କ୍ଲିନିକ୍‌ର ସମସ୍ତ ଦସ୍ତାବିଜ ପ୍ରଶାସନିକ ସ୍ତରରେ ଯାଞ୍ଚ କରାଯାଇଥିଲା। ସମସ୍ତ ତଥ୍ୟ ଆଧାରରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଶୁକ୍ରବାର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ନାୟକ, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ ପୋଲିସ୍ ଉପସ୍ଥିତିରେ ତାଲା ପକାଇ ସିଲ୍ କରିଥିଲେ।

## ଜିଲାପାଳଙ୍କ ଅଫିସ୍ ଘେରାଉ




ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବାଲେଶ୍ୱର ଅଫିସ,୨୪।୯

ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ଏବଂ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ସ୍କିମ୍ ଶ୍ରମିକମାନେ ଶୁକ୍ରବାର ଫାଣ୍ଡିଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବାଲେଶ୍ୱର ଜିଲାପାଳ ଅଫିସ୍ ସମ୍ମୁଖରେ ପହଞ୍ଚି ଘେରାଉ କରିଥିଲେ। ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀସଂଘ ଜିଲା ସଭାପତି ପ୍ରତିଭା ପାଲଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ କରାଯାଇଥିଲା। ଦେଶର ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଅଙ୍ଗନୱାଡ଼ି, ଆଶା, ମଧ୍ୟାହ୍ନଭୋଜନ ପାଚିକା ସମେତ ସମସ୍ତ ସ୍କିମ୍ ଶ୍ରମିକଙ୍କୁ କେନ୍ଦ୍ର ସରକାର ଶୋଷଣ କରୁଥିବା ଅଭିଯୋଗ କରିଛନ୍ତି। ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ବାଲେଶ୍ୱର ସହର ସମ୍ପାଦକ ନିର୍ବାସିନୀ ପ୍ରଧାନ, ଶାନ୍ତିଲତା ମାଝୀ ରିଙ୍କି ହାଲଦାର, ରୁରାଲ୍-୨ର ଜିଲା ସଭାପତି ସୁଷମା ପାତ୍ର, ରେମୁଣା କମିଟି ମାନିନୀ ଆଚାର୍ଯ୍ୟ, ଅନୁପମା ଗିରି, ସଦର କମିଟିର ନିଳିମା ଜେନା ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ୨୭ ତାରିଖରେ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ଆହୂତ 'ଭାରତବନ୍ଦ'କୁ ସଫଳ କରିବା ପାଇଁ କୃଷକ, ଶ୍ରମିକ, ଯୁବଛାତ୍ର, ବୁଦ୍ଧିଜୀବୀ, ମହିଳା, ପଥବିକ୍ରେତା ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆହ୍ୱାନ ଦେଇଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।

## ତଣ୍ଡ ଗଣିବେ ଡାକ୍ତରଖାନା ଅଧିକାରୀ

**ସୂଚନା ଅଧିକାର ତଥ୍ୟ ନ ଦେବା ଘଟଣା**

ସୋର, ୨୪।୯(ଡି.ଏନ.ଏ.)

ସୂଚନା ଅଧିକାରରେ ତଥ୍ୟ ନ ଦେବାରୁ ସୋର ଡାକ୍ତରଖାନାର ପୂର୍ବତନ ମେଡ଼ିକାଲ ଅଫିସରଙ୍କୁ ୧୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଗତ ୧୮ ତାରିଖରେ ସୂଚନା ଅଧିକାର କମିଶନ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗତ ୨୫।୧୧।୨୦୧୬ରେ ସୋର ଡାକ୍ତରଖାନାରେ କୁଲର କିଣା ଏବଂ ଅନ୍ୟ କିଛି ତଥ୍ୟ ପାଇଁ ସୂଚନା ଅଧିକାର ଆଇନବଳରେ ସୁଧାଂଶୁ ବାରିକ ତଥ୍ୟ ମାଗିଥିଲେ। ସେତେବେଳର ପିଆଇଓ ସୋର ମେଡ଼ିକାଲ ଅଧିକରୀ ଡା.ହେମନ୍ତ କୁମାର ରାଉଳ ଏହି ତଥ୍ୟ ଦେବା ପାଇଁ ୨୯।୧୧।୨୦୧୬ରେ ଏକ ହଜାର ଟଙ୍କା ଦାଖଲ କରିବା ପାଇଁ ଚିଠି କରିଥିଲେ। ସେହି ଅନୁସାରେ ବାରିକ ଏକ ହଜାର ଟଙ୍କା ଦାଖଲ କରି ଦୀର୍ଘଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କୌଣସି ତଥ୍ୟ ପାଇ ନ ଥିଲେ। ବାଧ ହୋଇ ଏ ନେଇ ସେ ସୂଚନା ଅଧିକାର କମିଶସନଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ। କମିଶନ ଏହି ମାମଲାର ବିଚାର କରି ପୂର୍ବତନ ମେଡ଼ିକାଲ ଅଫିସର ଡା. ରାଉଳଙ୍କ ଉପରେ ୧୫ ହଜାର ଟଙ୍କା ଜରିମାନା କରିବା ସହିତ ଏହି ଅର୍ଥ ତାଙ୍କ ଦରମାରୁ ଭରଣା କରିବାକୁ ଡା. ରାଉଳ କାର୍ଯ୍ୟରତ ଥିବା ଯାଜପୁର ଜିଲା ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଝାଡ଼ଖଣ୍ଡୀ ଦନ୍ତା ପୁଣି ଭାଙ୍ଗିଲା ଘର



ହାତୀ ଭାଙ୍ଗି ଦେଇଥିବା ଜଣଙ୍କ ଘର।

ସଜନାଗଡ଼, ୨୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ନୀଳଗିରି ଅଞ୍ଚଳରେ ପୁଣି ଝାଡ଼ଖଣ୍ଡୀ ଦନ୍ତା ଗୁରୁବାର ରାତିରେ ୩ବଖରା ଭାଙ୍ଗିଦେଇଛି। ଝାଡ଼ଖଣ୍ଡୀ ହାତୀ ଭୟରେ ବନାଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଝାଡ଼ଖଣ୍ଡୀ ଦନ୍ତା ହାତୀ ଆସିବାର ୩ଦିନ ହୋଇଥିଲା ବେଳେ ଗୁରୁବାର ଖାଦ୍ୟ ଅନ୍ୱେଷଣରେ ଗୋପାଳପୁର ସଂରକ୍ଷିତ ଜଙ୍ଗଲରୁ ବାହାରି ନିକଟସ୍ଥ ତିନିକୋଶିଆ ଜଙ୍ଗଲ ଦେଇ ରାତି ୧୧ଟା ବେଳେ ସଜନାଗଡ଼ ପଞ୍ଚାୟତର ବାଣ୍ଡିଆପଡ଼ା ଗ୍ରାମରେ ପଶିଥିଲା। ରବୀନ୍ଦ୍ର ସିଂଙ୍କ ଏକ ବଖରା ଘର ଭାଙ୍ଗିବା ସହ ଗାଁଲୋକ ଓ ପରିବାର ଲୋକ ଟିଣ ପିଟି ହାତୀକୁ ଘଉଡ଼ାଇ ଦେଇଥିଲେ। ହାତୀଟି କୁଲଡିହା ଅଭୟାରଣ୍ୟର ପାଦଦେଶକୁ ଲାଗିଥିବା ହୁଡ଼ିସାହି ଗ୍ରାମର ଦୁଲିମଣି ସିଂ, ବାବୁଲିବନ୍ଧୁ ସିଂଙ୍କ ୨ ବଖରା ଘର ଭାଙ୍ଗି ଦେଇଥିଲା । ପରେ ହୁଡ଼ିସାହି, ବାଣ୍ଡିଆପଡ଼ାର ଗ୍ରାମବାସୀ ଓ ବନବିଭାଗ ହାତୀକୁ ଘଉଡ଼ାଇ ଦେଇଥିଲେ । ଖବର ଲେଖିହେବା ପର୍ଯ୍ୟନ୍ତ ଦନ୍ତାହାତୀ ସାତଘାଟି ଡ୍ୟାମ ପାଖରେ ରହିଥିବା ସୂଚନା ମିଳିଛି। ନୀଳଗିରି ଓ କୁଲଡିହା ବନବିଭାଗ ପକ୍ଷରୁ ହାତୀର ଗତିବିଧିକୁ ଲକ୍ଷ୍ୟ ରଖାଯାଇଛି ।

## ଜଣଙ୍କୁ ଉଦ୍ଧାର କରିବାକୁ ଯାଇ ଗଲା ୨ ଜୀବନ

ବାଲେଶ୍ୱର ଅଫିସ, ୨୪।୯

ବାଲେଶ୍ୱର ଅରଡ଼ବଜାରସ୍ଥିତ ବ୍ରିଜ୍ ତଳେ ଯାଇଥିବା ରେଳଧାରଣାରେ ଟ୍ରେନ ଧକ୍କାରେ ୨ଜଣଙ୍କ ଜୀବନ ଯାଇଛି। ଜଣଙ୍କର ପରିଚୟ ମିଳିଥିବା ବେଳେ ଅନ୍ୟଜଣେ ଚିହ୍ନଟ ହୋଇପାରିନାହାନ୍ତି। ଉଭୟଙ୍କ ମୃତଦେହକୁ ଜିଆର୍‌ପି ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ହାୱଡାରୁ ଚେନ୍ନାଇକୁ ଯାଉଥିବା ଦୁରନ୍ତ ଏକ୍ସପ୍ରେସ୍ ଦିନ ୨ଟା ୧୭ ମିନିଟ୍‌ରେ ବାଲେଶ୍ୱରର ଉକ୍ତ ଓଭରବ୍ରିଜ୍ ତଳେ ପାସ୍ କରୁଥିଲା। ଜଣେ ୬୫ବର୍ଷର ବୟସ୍କ ଲୋକ ରେଳଧାରଣା ଉପରକୁ ଚଢୁଥିବା ଦେଖି ଟାଉନ ଥାନା ଅଧୀନ ଦାମୋଦରପୁରର ବିକାଶ ସାମନ୍ତ (୫୫) ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରୁଥିଲେ। ଏହି ସମୟରେ ଟ୍ରେନ୍ ପହଞ୍ଚିଯିବାରୁ ଉଭୟ ଟ୍ରେନ୍‌ରେ ଧକ୍କା ହୋଇ ମୃତ୍ୟୁବରଣ କରିଥିଲେ। ଏନେଇ ବାଲେଶ୍ୱର ଜିଆର୍‌ପି ଥାନାରେ ପୃଥକ୍ ଭାବେ ଦୁଇଟି ମାମଲା (ନଂ. ୪୬/୨୧ ଓ ୪୭/୨୧) ରୁଜୁ କରାଯାଇଥିବା ଜିଆର୍‌ପି ଥାନା ଏଏସ୍‌ଆଇ ପରିକ୍ଷୀତ ନାୟକ ସୂଚନା ଦେଇଛନ୍ତି।

## କୃତୀ ଛାତ୍ରୀଙ୍କୁ ପୁରସ୍କାର

ଖଇରା, ୨୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଏନଏସଏସ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଛାତ୍ରୀମାନଙ୍କର ଏକ ଶୋଭାଯାତ୍ରା ସ୍ଥାନୀୟ ନହଙ୍ଗ ଗ୍ରାମ ପରିକ୍ରମା କରିଥିଲା। ପରେ ଅର୍ଥଶାସ୍ତ୍ର ଅଧ୍ୟାପିକା ସୁଲୋଚନା ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତି ଓ ଦେଶ ଗଠନରେ ଜାତୀୟ ସେବା ଯୋଜନାର ଭୂମିକା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳିକା ଜ୍ୟୋତ୍ସ୍ନାବାଳା ଦାସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଧାପିକା ମମତାମୟୀ ପଣ୍ଡା, ଅଳକାନନ୍ଦା ସାହୁ, ଅଧାପକ ବସନ୍ତ ସୂତାର, କସ୍ତୁରୀକନିକା ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦେଶ ଗଠନରେ ଏନ୍‌ଏସ୍‌ଏସ୍‌ର ଭୂମିକା ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜ୍ଞାନକଳ୍ପା ଲେଙ୍କା, ଭାଗ୍ୟଶ୍ରୀ ନାୟକ, ଚନ୍ଦ୍ରପ୍ରଭା ପରିଡା ଏବଂ ଦେଶାତ୍ମବୋଧକ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ରାଜନନ୍ଦିନୀ ଦାସ, ନମ୍ରତା ଦାସ ଓ ସୁନିତା ଓଝାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀ।

## ଅଳ୍ପ ସଞ୍ଚୟ କରି ଭବିଷ୍ୟତ ସୁରକ୍ଷିତ ରଖିବାକୁ ପରାମର୍ଶ

ବାଲେଶ୍ୱର ଅଫିସ, ୨୪।୯

ବାଲେଶ୍ୱର ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଏକ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅର୍ଥବିଭାଗର ନିଷ୍ପତ୍ତିକ୍ରମେ ଆୟୋଜିତ ଶିବିରରେ ଜମାକାରୀଙ୍କୁ ସଞ୍ଚୟ, ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଅର୍ଥ ଦେଣନେଣ, କ୍ୟାଶଲେସ୍ କାରବାର, ବିଭିନ୍ନ କ୍ଷୁଦ୍ର ଜମା ସମ୍ପର୍କିତ ଯୋଜନା ଏବଂ ଜମାକାରୀଙ୍କୁ ଅଣବ୍ୟାଙ୍କିଂ ସଂସ୍ଥାରେ ଅର୍ଥ ଜମା କରିବାରୁ ନିବୃତ୍ତ ରହିବା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା ।

ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦର ବ୍ଲକ ବିଡିଓ ନରେନ୍ଦ୍ର ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନେ ନିଜର ଦୈନିକ ଆୟରୁ ଅଳ୍ପ ଅଳ୍ପ ସଞ୍ଚୟ କରି ନିଜର ଭବିଷ୍ୟତ ସୁରକ୍ଷିତ ରଖିବାକୁ ସେ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ସ୍ଥିତିରେ ଚିଟ୍‌ଫଣ୍ଡ କମ୍ପାନୀମାନଙ୍କର ପ୍ରଲୋଭନ ଏବଂ ଡିଜିଟାଲ ଠକାମିର ଶିକାର ହୋଇ ଜମାକାରୀମାନେ ନିଜର ବହୁ ମୂଲ୍ୟ ସଞ୍ଚୟ ହରାଉଥିବାବେଳେ ଏଥିପ୍ରତି ସତର୍କ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ସୁଦୀପ କୁମାର ଡାକୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନଲାଇନରେ ଆର୍ଥିକ କାରବାର, ଅନଲାଇନ ବ୍ୟାଙ୍କିଙ୍ଗ ଏବଂ ଅନଲାଇନ ଠକାମି ସମ୍ପର୍କରେ ଆଲୋଚନା କରିଥିଲେ। ଆର୍ଥିକ ସାକ୍ଷରତା ପରାମର୍ଶଦାତା ଯୋଗେଶ୍ୱର ପ୍ରଧାନ, ସହକାରୀ ଡାକ ଅଧୀକ୍ଷକ ରବିନାରାୟଣ ବେହେରା, ବାଲେଶ୍ୱର ମୁଖ୍ୟ ଡାକଘରର ଡାକପାଳ ରତ୍ନପ୍ରଭା ଅଗସ୍ତି ଓ ଉପଡାକପାଳ ମନୋଜ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର କଷ୍ଟ ଅର୍ଜିତ ଧନକୁ ଡାକ ଘର କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କରେ ଜମା ରଖି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ । ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଓ ବୀମା ଯୋଜନା ବିଷୟରେ ଏହି ଶିବିରରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଯାଇଥିଲା। ବରିଷ୍ଠ ରାଜସ୍ୱ ସହାୟିକା ସ୍ୱର୍ଣ୍ଣପ୍ରିୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ଆର୍ଥିକ ସାକ୍ଷରତା ଶିବିରରେ ଉପସ୍ଥିତ ଅଧିକାରୀ।

**ଆର୍ଥିକ ସାକ୍ଷରତା ଶିବିର**

# କିଚକେଶ୍ୱରୀ ମନ୍ଦିରରେ ଫାଟ

**କରଞ୍ଜିଆ,୨୪।୯**

ମୟୂରଭଞ୍ଜ ଜିଲାର ସର୍ବ ପୁରାତନ ଖିଚିଂସ୍ଥିତ କିଚକେଶ୍ୱରୀ ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ମା'ଙ୍କ ମନ୍ଦିର ଚଟାଣରେ ପାଣି ଝରି ପଡୁଛି। ପାଣି ଝରୁଥିବା ସ୍ଥାନରେ ଶିଉଳି ଲାଗିଥିବା ଦେଖିବାକୁ ମିଳିଛି। ଫଳରେ କଳା ମୁଗୁନି ପଥରରେ ନିର୍ମିତ ଏହି ମନ୍ଦିର ପ୍ରତି ବିପଦ ଦେଖାଦେଇଛି। କିଛି ଦିନ ପୂର୍ବେ ଏହି ମନ୍ଦିର ପରିସରରେ ଥିବା କୁଟେଇ ତୁଣ୍ଡି ଏବଂ ଚନ୍ଦ୍ରଶେଖର ମନ୍ଦିର ମରାମତି ପ୍ରତ୍ନତତ୍ତ୍ୱ ବିଭାଗ କରିଥିଲେ ମଧ୍ୟ ଏହି ଦୁଇ ମନ୍ଦିରରୁ ପାଣି ଗଳିବା ବନ୍ଦ ହେଉ ନାହିଁ। ଚନ୍ଦ୍ରଶେଖର ମନ୍ଦିରରେ ପାଣି ଝରୁଥିବାରୁ ଭିତରେ ବସି ପୂଜାର୍ଚ୍ଚନା କରିବା ସମ୍ଭବ ହେଉ ନ ଥିବା ସେବାୟତମାନେ ପ୍ରକାଶ କରିଛନ୍ତି। ଏହି ମନ୍ଦିରର ପୁନଃ ମରାମତି ଯଥାଶୀଘ୍ର କରାଯିବା ଦରକାର ବୋଲି ପୂଜକ ସୁବାଷ ପାଣିଗ୍ରାହୀ କହିଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପୂଜକ ଦିଲ୍ଲୀପ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।



କିଚକେଶ୍ୱରୀ ମନ୍ଦିର।

**ପାଣି ଗଳୁଛି, ଶିଉଳି ଜମିଛି**

ଅଭିଜ୍ଞ କାରିଗରଙ୍କ ଦ୍ୱାରା ପୁନର୍ବାର ମନ୍ଦିର ମରାମତି କରିବା ଜରୁରୀ ହୋଇପଡ଼ିଛି। ଏସଂକ୍ରାନ୍ତରେ କରଞ୍ଜିଆ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ଡ. ରଜନୀକାନ୍ତ ବିଶ୍ୱାଳଙ୍କୁ ପଚାରିବାରୁ ଖୁବ ଶୀଘ୍ର ଦେବୋତ୍ତର ଏବଂ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ଲେଖି ସମାଧାନ ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### '୩ଦିନ ମଧ୍ୟରେ ବିନିଯୋଗ ପ୍ରମାଣପତ୍ର ଦିଅ'

ବନ୍ତ,୨୪।୯(ଡି.ଏନ୍.ଏ.) : ଭଦ୍ରକ ଜିଲା ବନ୍ତସ୍ଥିତ ମହତାବ ଏମ୍‌ଇ ବିଦ୍ୟାଳୟ ପରିସରରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବିଦ୍ୟାଳୟ ୩ ଦିନ ମଧ୍ୟରେ ପୋଷାକ ଓ କମ୍ପୋଜିଟ୍ ଗ୍ରାଣ୍ଟ(ମିଶ୍ର ଅନୁଦାନ ରାଶି) ଖର୍ଚ୍ଚର ବିନିଯୋଗ ପ୍ରମାଣ ପତ୍ର ଦେବାକୁ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରେଇ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ 'ମୋ ସ୍କୁଲ ଅଭିଯାନ' ଅନୁଦାନ ରାଶିର କାର୍ଯ୍ୟ ସମ୍ପୂର୍ଣ୍ଣ କରି ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିବା ସହିତ ବିଦ୍ୟାଳୟ ପରିସର, ଶ୍ରେଣୀଗୃହକୁ ଯଥାଶୀଘ୍ର ପରିଷ୍କାର ପରିଚ୍ଛନ୍ନ କରିବାକୁ ବିଇଓ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସିଆର୍‌ସିସି(ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ) ଓ ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

### ଦୋକାନ ତାଲା ଭାଙ୍ଗି ଚୋରି

ବନ୍ତ,୨୪।୯(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ନିଳୋକ ବଜାରରେ ଗୁରୁବାର ବିଳମ୍ବିତ ରାତିରେ ଏକ ଗ୍ରୀଲ୍ ଓଲ୍ଡିଂ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଦୋକାନୀ ଚଣ୍ଡିପୁର ଗ୍ରାମର ସେକ୍ ରୋଶନ ଶୁକ୍ରବାର ସକାଳ ୯ଟା ବେଳେ ଦୋକାନ ଖୋଲିବାକୁ ଆସି ତାଲା ଭଙ୍ଗାଯାଇ ୨ ଓଲ୍ଡିଂ ମେଶିନ, ୨ କଟିଂ ମେଶିନ୍, ୧ ହାମ୍ରିଙ୍ଗ ମେଶିନ ଓ ୫୦ ମିଟର ପାୱାର କେବୁଲ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ବନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ନୂତନ ହିତାଧିକାରୀଙ୍କୁ ଭତ୍ତା

ବାସୁଦେବପୁର,୨୪।୯(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ନୂତନ ଶତାଧିକ ହିତାଧିକାରୀଙ୍କୁ ନୀଳମଣି ଟାଉନହଲ୍‌ରେ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ସମିତିସଭ୍ୟ ରତିକାନ୍ତ ବାରିକ, ଗୌତମ ସେଠୀଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ସାଇକେଲ୍ ଆରୋହୀ ମୃତ

ଢେଙ୍କିକୋଟ,୨୪।୯(ଡି.ଏନ.ଏ.)- କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମ ନିକଟରେ ବାଇକ୍ ଓ ସାଇକେଲ ଧକ୍କା ହେବାରୁ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘଟଗାଁ ଥାନା ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ଦାଣ୍ଡିପଶି ଗ୍ରାମର ଉମାକାନ୍ତ ନାୟକ। ସେ କୌଣସି କାମରେ ଝାରବେଡ଼ା ଗ୍ରାମକୁ ଯାଉଥିବା ବେଳେ ସଦର ଥାନା ଅନ୍ତର୍ଗତ କାଠବାରୀ ଗ୍ରାମର ପ୍ରଶାନ୍ତ କୁମାର ମହାକୁଡ଼ ବାଇକ୍‌ରେ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦୁଝର ଡାକ୍ତରଖାନା ନେଇଥିଲେ ହେଁ ସେଠାରେ ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ।

# ସିଡିଏମ୍‌ଓ ଅଫିସ ଘେରିଲେ ଆଶାକର୍ମୀ

**କେନ୍ଦୁଝର, ୨୪।୯ (ସ୍ୱ.ପ୍ର.)**

ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ଶତାଧିକ ଆଶାକର୍ମୀ ଶୁକ୍ରବାର ବିଭିନ୍ନ ଦାବିରେ କେନ୍ଦୁଝର ସିଡିଏମ୍‌ଓ ଅଫିସ ଘେରାଉ କରିବା ସହ ଧାରଣାରେ ବସିଥିଲେ। ସିଡିଏମ୍‌ଓ ଡ. ଅଶୋକ ଦାସଙ୍କୁ ୧୮ ଦଫା ଦାବିପତ୍ର ଓ ଏହାର କପି ଅତିରିକ୍ତ ଜିଲାପାଳ ସନ୍ତୋଷ ନାଏକଙ୍କୁ ପ୍ରଦାନ କରିଛନ୍ତି। ସ୍ଥାୟୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା, ଶ୍ରମ ବିରୋଧୀ ୪ ଶ୍ରମିକ କୋଡ୍ ବାତିଲ, ଅବସର ନେଉଥିବା ଆଶାକର୍ମୀଙ୍କୁ ମାସିକ ୧୦ ହଜାର ପେନ୍‌ସନ, ସାମାଜିକ ସୁରକ୍ଷା, ଇପିଏଫ୍ ଓ ଇଏସ୍‌ଆଇ ଅନ୍ତର୍ଭୁକ୍ତ କରିବା ସହ ମୃତ୍ୟୁକାଳୀନ ଏବଂ ଅବସରକାଳୀନ ୫ ଲକ୍ଷ ଟଙ୍କା ସହାୟତା ଦାବି ହୋଇଛି। ସେହିପରି ସ୍ମାର୍ଟଫୋନ ଦେବା ସହ କୋଭିଡ୍ ଯୋଦ୍ଧା ଆଶାକର୍ମୀଙ୍କୁ ୫୦ ଲକ୍ଷ ଟଙ୍କା ବୀମାଭୁକ୍ତ କରିବା, କରୋନା ଆକ୍ରାନ୍ତ ଆଶାକର୍ମୀଙ୍କୁ ୧୦ଲକ୍ଷ ଟଙ୍କା ସହାୟତା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।




ଆଶାକର୍ମୀମାନେ ଧାରଣା ଦେଇଛନ୍ତି।

# ସୂଚନା ଅଧିକାର ଅଧିନିୟମ ସମ୍ପର୍କିତ ପ୍ରଶିକ୍ଷଣ

**ବାଲେଶ୍ୱର ଅଫିସ, ୨୪।୯**

ବାଲେଶ୍ୱର ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ, ଫାଷ୍ଟ ଅପିଲେଟ୍ ଅଥରିଟିଙ୍କ ନିମନ୍ତେ ଆଭାସୀ ମାଧ୍ୟମରେ ସୂଚନା ଅଧିକାର ଅଧିନିୟମ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ସମେତ ଜିଲା କଲେକ୍ଟୋରେଟ୍ ଏବଂ ବିଭିନ୍ନ ବ୍ଲକର ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ, ଫାଷ୍ଟ ଅପିଲେଟ୍ ଅଥରିଟି ପ୍ରମୁଖ ସୂଚନା ଅଧିକାର ଅଧିନିୟମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଅନଲାଇନ ମାଧ୍ୟମରେ କିଭଳି ଆବେଦନ ଗ୍ରହଣ କରାଯାଇପାରିବ ଏବଂ ଆବେଦକଙ୍କୁ କିଭଳି ସୂଚନା ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ସୂଚନା ଅଧିକାର ଆଇନ ବିଶେଷଜ୍ଞ ହର୍ଷ ପରିଚ୍ଛା ବୁଝାଇଥିଲେ। ପରେ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ଜଣ ଅଂଶଗ୍ରହଣ କରିଥିଲେ। ଜିଲା କଲେକ୍ଟୋରେଟର ଜନସୂଚନା ଅଧିକାରୀ ତଥା ସହକାରୀ ଜିଲାପାଳ ସ୍ୱାଗତିକା ଦାସ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ, ଜିଲା କଲେକ୍ଟୋରେଟ ସେକ୍ସନ ଅଫିସର ଏବଂ ଅତିରିକ୍ତ ଜନସୂଚନା ଅଧିକାରୀ ରବି ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ରାହୁଲ ସିଂ ଏବଂ ସତ୍ୟସାଗର ମଣ୍ଡଳ ଏଥିରେ ସହଯୋଗ କରିଥିଲେ।

# ଏସିଡ୍ ପୀଡ଼ିତାଙ୍କୁ ସହାୟତା ନେଇ ସଚେତନତା

**କେନ୍ଦୁଝର, ୨୪।୯(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜୀଟସ୍ ମିଟ୍ ଭିଡିଓ ପ୍ରସାରଣ ମାଧ୍ୟମରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧୀକରଣ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ବେଣୁଧର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧୀକରଣ ସଚିବ ସୌଦାମିନୀ ବିଶ୍ୱାଳ ଉଦ୍‌ବୋଧନ ଦେଇ ଆଇନ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରାଇ ଏସିଡ୍ ଆକ୍ରମଣ ପୀଡିତାଙ୍କୁ ପ୍ରାଧୀକରଣ ମାଧ୍ୟମରେ କିଭଳି ଭାବେ ସହାୟତା କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସମ୍ପୃକ୍ତ ପୀଡିତା ସମାଜରେ ପୁନର୍ବାର ନୂତନ ଜୀବନ ନେଇ କିପରି ବଞ୍ଚି ରହିବ ସେଥିପ୍ରତି ଦୃଷ୍ଟି ଦେବାସହ ଦୋଷୀକୁ କିଭଳି ଭାବରେ ଦଣ୍ଡ ବିଧାନ କରାଯିବ ସେଥିପ୍ରତି ସମାଜର ପ୍ରତ୍ୟେକ ନାଗରିକ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ।

## ଭଣ୍ଡାରିପୋଖରୀ ପାଇଁ ଖବରଦାତା ଆବଶ୍ୟକ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ କିମ୍ବା recruitment@dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।

# ନିର୍ମଳ ରାଉତଙ୍କୁ 'ନାଟ୍ୟ ପ୍ରଦୀପ' ସମ୍ମାନ

**ଭଦ୍ରକ ଅଫିସ,୨୪।୯**

ଭଦ୍ରକ ପ୍ରଗତି ପାଠକ ସଂଘ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନିର୍ମଳ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପାଠାଗାର ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଂଘ ସଭାପତି କାହ୍ନୁଚରଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରାଧ୍ୟାପକ ଡ. ବଳରାମ ମିଶ୍ର, ଶିକ୍ଷାବିତ୍ ନରେନ୍ଦ୍ର ଦାସ, ପୂର୍ବତନ ଅଧ୍ୟକ୍ଷ ରତ୍ନାକର ଦାସ, ଶିକ୍ଷାବିତ୍ ଭାବଗ୍ରାହୀ ତ୍ରିପାଠୀ, କଳା ଶିକ୍ଷକ ଜୟନ୍ତ ନାୟକ, ଅବସରପ୍ରାପ୍ତ ବୀମା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାସ, ସାମାଜିକ କର୍ମୀ ଦେବ କେଶ୍, ଧାରାବାହିକ କଳା ନିର୍ଦ୍ଦେଶକ ବାବୁ ନିରନ୍‌ସ, କଳାକାର ସଞ୍ଜୀବ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିବା ବିଶିଷ୍ଟ ନାଟ୍ୟକାର ଦୂରଦର୍ଶନ ଓ ମଞ୍ଚ ଅଭିନେତା ରାଉତଙ୍କୁ ସଂଘ ପକ୍ଷରୁ 'ନାଟ୍ୟ ପ୍ରଦୀପ' ସମ୍ମାନରେ ସମ୍ମାନିତ କରାଯାଇଛି। ସଂଘର ସମ୍ପାଦକ ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ତଥା ସଂସ୍କୃତି ଅଧିକାରୀ ହରମୋହନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାତୀୟ ସେବା ଯୋଜନା ଦିବସ

**କେନ୍ଦୁଝର,୨୪।୯(ଡି.ଏନ.ଏ.)**

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ ଓ ୩ ଶ୍ରେଣୀ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଭାକର ନାଏକ ଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ସ୍ୱଚ୍ଛତା ସମ୍ପର୍କିତ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀ, ସ୍ୱେଚ୍ଛାସେବୀ ଓ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସର ସଫେଇ ସହ ବଗିଚାରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଯୁକ୍ତ ୩ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଡ. ଧର୍ମବୀର ମୋହନ ସିଂ, ଯୁକ୍ତ ୨ କାର୍ଯ୍ୟକାରୀ ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

# ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି



ବିଭିନ୍ନ ସଙ୍ଗଠନ ପକ୍ଷରୁ ଆୟୋଜିତ କ୍ୟାଣ୍ଡେଲ ରାଲି।

**କେନ୍ଦୁଝର, ୨୪।୯ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ମାଟିର ସନ୍ତାନ ତଥା ଏକ ଇଲେକ୍ଟ୍ରୋନିକ ଗଣମାଧ୍ୟମର ନିର୍ଭୀକ ଖବରଦାତା ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ କେନ୍ଦୁଝର ପ୍ରେସ କ୍ଲବ ପକ୍ଷରୁ ଏକ ଶୋକ ସଭା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନର ପ୍ରତିନିଧି ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟନାରାୟଣ ମିଶ୍ର, ଆଲୋକ ମିଶ୍ର, ଆଶିଷ ଚକ୍ରବର୍ତ୍ତୀ, କିରଣବାଳା ନାୟକ, ଜିତେନ୍ଦ୍ର ପଟ୍ଟନାୟକ, ପ୍ରଣୟ ପାଣି, ବରଦା ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କ୍ୟାଣ୍ଡେଲ ରାଲି କରାଯାଇଛି।

# ସ୍ୱାସ୍ଥ୍ୟ ଶିବିର

**ଭଦ୍ରକ ଅଫିସ, ୨୪।୯**

ଭଦ୍ରକ ଓକିଲ ସଂଘ ଓ ଲାୟନ୍ସ କ୍ଲବ ଭଦ୍ରକାଳୀ ମିଳିତ ଆନୁକୁଲ୍ୟରେ ଆମ୍ରି ହସ୍ପିଟାଲ ଭୁବନେଶ୍ୱରର ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ଜଜ୍ ଶିଶିର କୁମାର ରଥ ଉଦ୍‌ଘାଟନ କରିଥିଲେ। ଏଥିରେ ଆମ୍ରୀ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଶତାଧିକ ରୋଗୀଙ୍କର ବିଭିନ୍ନ ରୋଗ ପରୀକ୍ଷା କରିବା ସହ ଆରୋଗ୍ୟ ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତପରୀକ୍ଷା ସହ ବ୍ଲଡ଼ପେସର ଏବଂ ଡାଇବେଟିସ୍ ପରୀକ୍ଷା କରାଯାଇଥିଲା। ଶିବିରକୁ ଓକିଲ ସଂଘର ସଭାପତି ଦିଲ୍ଲୀପ ମହାପାତ୍ର, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ପଣ୍ଡା, ଉପସଭାପତି କରୁଣାକର ଦାଶ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, ଯୁଗ୍ମ ସମ୍ପାଦକ ଅଭୟ ସେଠୀଙ୍କ ସମେତ ଅନ୍ୟାନ୍ୟ ଆଇନ୍‌ଜୀବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଲାଏନ୍ସ କ୍ଲବ ଭଦ୍ରକାଳୀର ସଭାପତି ବୈଲୋଚନ ବେହୁରିଆ, ଡା. ହରେକୃଷ୍ଣ ନାୟକ, ବରିଷ୍ଠ ଆଇନ୍‌ଜୀବୀ ପର୍ଶୁରାମ ଦ୍ୱିବେଦୀ, ସତ୍ୟେନ୍ଦ୍ର ରାୟ ମହାପାତ୍ର, ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନାରେ ସହାୟତା କରିଥିଲେ।

# ରାସ୍ତା ମରାମତି କଲେ ଗ୍ରାମବାସୀ



ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

**ପଦ୍ମପୁର, ୨୪।୯(ଡି.ଏନ.ଏ.)**

ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗରୁ ଅସୁରା ଭାୟା କୋଡ଼ଗମ୍ଭୀର ରାସ୍ତା 'ୟାସ୍' ବାତ୍ୟା ପରେ ବିଭିନ୍ନ ସ୍ଥାନରେ ସିମେଣ୍ଟ ଓ ପିଚୁ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇଯାଇଥିଲା। ଫଳରେ ଏହି ରାସ୍ତା ଦେଇ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଗ୍ରାମବାସୀ ଓ ସ୍କୁଲ, କଲେଜ ଯାଉଥିବା ପିଲାମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସହ ଜିଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। ହେଲେ ଦୁଇ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମର ଯୁବକମାନେ ମିଳିତ ଭାବେ ଏହି ରାସ୍ତାକୁ ମରାମତି କରିଛନ୍ତି। କୋଡ଼ବରୁଆଁ ଗ୍ରାମର ରଘୁରାମ ଜେନା, ଜୀବନ ନାୟକ, ବଟକୃଷ୍ଣ ବେହେରା, ସ୍ୱାଧୀନ ସୁନ୍ଦର ସାହୁ, କାହ୍ନୁଚରଣ ମହାରଣା, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରାସ୍ତା ମରାମତି କରିଥିଲେ।

# ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

**ଚମ୍ପୁଆ, ୨୪।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅଧୀନ ଗୋଧୂଳି ଗ୍ରାମରେ ଗୋଧୂଳି ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ତ୍ରିଦିବସୀୟ ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଏସି ବିଜେଡି ସଭାପତି ଗିରିଜା ଶଙ୍କର ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲା ସହ ଝାଡ଼ଖଣ୍ଡ ରାଜ୍ୟର ବହୁ ଫୁଟ୍‌ବଲ ଦଳ ଭାଗ ନେଇଥିବା କ୍ଲବ ସଭାପତି ମୋହନ ନାଏକ ସୂଚନା ଦେଇଛନ୍ତି।

୧୬ ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ଅନୁଷ୍ଠିତ ନକ୍‌ଆଉଟ ପ୍ରତିଯୋଗିତାରେ ଗିଡୁ ଏକାଦଶ ଚମ୍ପୁଆ ମା' ବୈଷ୍ଣବୀ ଦେବୀ ଝାଡ଼ଖଣ୍ଡ ଏକାଦଶକୁ ୨-୧ରେ ପରାସ୍ତ କରିଥିଲା। ସଭାପତି ନାଏକ, ସମ୍ପାଦକ ନରେନ୍ଦ୍ର ନାଏକ, ବିଚିତ୍ରାନନ୍ଦ ନାଏକ, ମନୋଜ ନାଏକ, ଜଗଦୀଶ ନାଏକ, ସାମଲ ନାଏକ, ନାଣ୍ଟୁ ନାଏକ, ଶକ୍ତିମାନ ନାଏକ, ଛତ୍ରପତି ନାଏକ, ସିପୁ ନାଏକ, ତାପସ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଟୁନୁ ସିଂ, ଅମ୍ରିତ ଡଙ୍ଗ ଓ ଶମ୍ଭୁ ବେସ୍ରା ପରିଚାଳନା କରିଥିବା ବେଳେ ଭାସ୍ୟକାର ଭାବେ ବୁଲବୁଲ ଆପଟ ଓ ରାମଲାଲ ଗୋପ ଦର୍ଶକମାନଙ୍କୁ ମନୋରଞ୍ଜନ କରାଇଥିଲେ।



ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରାଯାଉଛି।

# ପୌରପାଳିକା ହାତରେ ଦେବୋତ୍ତର ବିଭାଗ ରାଜସ୍ୱ

**ବାରିପଦା ଅଫିସ,୨୪।୯**

- ଜରାଜୀର୍ଣ୍ଣ ଅବସ୍ଥାରେ ମଠ ମନ୍ଦିର
- ଅର୍ଥାଭାବରୁ ଉପାସରେ ଠାକୁର

ମୟୂରଭଞ୍ଜ ଜିଲାରେ ଥିବା ମଠ ମନ୍ଦିର ସମ୍ପତ୍ତିରୁ ମ୍ୟୁନିସିପାଲିଟି ପକ୍ଷରୁ ଟିକସ ଆଦାୟ କରାଯାଇ ସହରବାସୀଙ୍କ କ୍ଷେତ୍ରରେ ବିନିଯୋଗ କରାଯାଉଛି। ମାତ୍ର ମଠମନ୍ଦିର ସୁରକ୍ଷା ଓ ଠାକୁରଙ୍କ ଦାୟିତ୍ୱରେ ଥିବା ଦେବୋତ୍ତର ଅଧିକାରୀମାନେ ସଠିକ ଧ୍ୟାନ ଦେଉ ନ ଥିବାରୁ ବାରମ୍ବାର ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହେଉଛି। ଏହାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ୪୦ହଜାର ଏକର ସମ୍ପତ୍ତିର ମାଲିକ ଭୋକଉପାସରେ ରହୁଥିବାରୁ ସେବାୟତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଠାକୁରଙ୍କ ସମ୍ପତ୍ତିରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଉଥିଲେ ହେଁ ଏହି ଅର୍ଥ ଦେବାଳୟରେ ସୁବିନିଯୋଗ କରାଯାଉନାହିଁ। ଏନେଇ ରାଜ୍ୟ ଦେବୋତ୍ତର ପରାମର୍ଶଦାତା କମିଟିର ସଦସ୍ୟ ତଥା ଆଇନଜୀବୀ ଅରବିନ୍ଦ ଦାସ ଅଭିଯୋଗ ଉଠାଇଛନ୍ତି।

ସୂଚନା ଅନୁଯାୟୀ, ରାଜାରାଜୁଡ଼ା ଅମଳରେ ନିର୍ମାଣ ହୋଇଥିବା ଜିଲାର ୧୦ଟି ମନ୍ଦିର ଉପଜିଲାପାଳ ଓ ୧୦ଟି ମଠକୁ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଟ୍ରଷ୍ଟି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ସବୁର ରକ୍ଷଣାବେକ୍ଷଣ ଓ ପୂଜାନୀତି ପାଇଁ ପ୍ରଦତ୍ତ ଜମି ମୟୂରଭଞ୍ଜ ମିଶ୍ରଣ ସମୟରେ ଭୁଲ ନିଷ୍ପତ୍ତି ଯୋଗୁ ଲୋକେ ନିଜ ଦଖଲକୁ ନେଇଯାଇଥିଲେ। ତେବେ ଦେବୋତ୍ତର କମିଶନରଙ୍କ ପକ୍ଷରୁ ଟ୍ରିବ୍ୟୁନାଲ ମାଧ୍ୟମରେ ବିଭାଗର ୪୦ହଜାର ୨୨୧ଏକର ଜମି ଥିବା ଜଣାପଡ଼ିଛି । ସେଥି ମଧ୍ୟରୁ ସେଟେଲମେଟ ସମୟରେ ହସ୍ତାନ୍ତରୀକରଣ ଜରିଆରେ ୩୭୭୬ ଏକର ଜମିର ହିସାବ ଦେବୋତ୍ତର ବିଭାଗ ପାଇଥିବା ବେଳେ ଅବଶିଷ୍ଟ ଜମି ଲୋକେ ଭୋଗ ଦଖଲ କରୁଛନ୍ତି। ଏହି ୩ହଜାର ୭୭୬ଏକର ଜମିରୁ ୭ଶହ ଏକର ଜମିରେ ବିଭିନ୍ନ ସରକାରୀ ଅନୁଷ୍ଠାନ, କାର୍ଯ୍ୟାଳୟ ଆଦି ରହିଛି। ଅନ୍ୟ ଜମିରେ ନିର୍ମାଣ ହୋଇଥିବା ବସ୍‌ଷ୍ଟାଣ୍ଡ, ଖେଳପଡ଼ିଆ, ପୋଖରୀ, ବ୍ୟାଙ୍କ, ରାସ୍ତା ଓ ଦୋକନ ଗୃହ ଦଖଲ ଅବସ୍ଥାରେ ରହିଛି। ସହରରେ ଥିବା ୩ହଜାର ସ୍ଥାୟୀ ଓ ୫ହଜାର ଉଠା ଦୋକାନୀଙ୍କଠାରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଉଛି। ମାତ୍ର ଏଥିରୁ ଆଦାୟ ହେଉଥିବା ଅର୍ଥ ପ୍ରକୃତ ପକ୍ଷେ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯାଉ ନାହିଁ। ଦୀର୍ଘ ଦିନ ଧରି ଦେବୋତ୍ତର ବିଭାଗର ସ୍ଥାୟୀ ଅଧିକାରୀ ନ ଥିବାରୁ ଠାକୁରଙ୍କ ସମ୍ପତ୍ତି କାଳକ୍ରମେ ଅନ୍ୟମାନେ ଉପଭୋଗ କରୁଛନ୍ତି। ଅର୍ଥାଭାବରୁ ଠାକୁରଙ୍କ ନୀତିକାନ୍ତି ବ୍ୟାହତ ହେବା ସହିତ ମଠମନ୍ଦିର ଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ୨୦୧୩ରେ ପୌରପାଳିକା ଅଧୀନରେ ଥିବା ୟୁନିଟ-୭ ଦେଉଳସାହି ଖାତା ନଂ.୧୯୨୨/୧୭ ଓ ୟୁନିଟ-୫ ଲାଲବଜାର ଖାତା ନଂ.୧୫୨ ଦେବୋତ୍ତର ବିଭାଗ ଅଧୀନକୁ ଆସିଥିବା ନେଇ ଦାସ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପୌର ପାଳିକା ଏସବୁ ସ୍ଥାନରେ ନିର୍ମାଣ କରିଥିବା ଦୋକାନଗୃହ, ଘର ଓ ଉଠା ଦୋକାନୀଙ୍କ ଠାରୁ ଟିକସ ଆଦାୟ କରୁଛି। ଫଳରେ ଠାକୁରଙ୍କ ସମ୍ପତ୍ତିରୁ ଆଦାୟ ହେଉଥିବା ରାଜସ୍ୱ ଦେବୋତ୍ତର ବିଭାଗକୁ ନ ଯାଇ ପୌରପାଳିକା ଅଧୀନରେ ରହୁଛି। ବର୍ତ୍ତମାନ ସଦର ଉପଜିଲାପାଳ ଅନ୍ୟା ଦାସ ଉଭୟ ଦେବୋତ୍ତର ଓ ମ୍ୟୁନସିପାଲିଟି ଦାୟିତ୍ୱରେ ରହିଥିଲେ ହେଁ ସମ୍ପୃକ୍ତ କାର୍ଯ୍ୟାଳୟ ଉପରୋକ୍ତ ସମସ୍ୟାର ସମାଧାନ ପାଇଁ ଯତ୍ନବାନ ହେଉନାହାନ୍ତି। ଦେବୋତ୍ତର ବିଭାଗରେ ସ୍ଥାୟୀ ଅଧିକାରୀ ନିଯୁକ୍ତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଠାକୁରଙ୍କ ସମ୍ପତ୍ତିର ପୁନରୁଦ୍ଧାର କରାଗଲେ ଜିଲାର ଐତିହ୍ୟ ଓ ପରମ୍ପରା ବଜାୟ ରହିପାରିବ ବୋଲି ମଧୁବନ ଉନ୍ନୟନ ପରିଷଦର ସମ୍ପାଦକ ବିକ୍ରମ କେଶରୀ ଜେନା, ସିନିୟର ସିଟିଜେନ ଫୋରମ୍‌ର ସମ୍ପାଦକ ବସନ୍ତ କୁମାର ଦାସ, ଚନ୍ଦ୍ର ଶେଖର ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ସମସ୍ୟା ପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।



ବାରିପଦା ଜଗନ୍ନାଥ ମନ୍ଦିର।

